# କାଳିପରି ଲାଗେ

କାଲି ପରି ଲାଗେ　　ସେଦିନ ଥିଲା ଗୋ
ହେମନ୍ତ ରାତି
ଉନ୍ମୁକ୍ତ ପ୍ରାଙ୍ଗଣେ　　ଶୀକର ପରଶି
ସମୀଛି ତାଡି　　।

ସିକ୍ତ ଅଧର　　ସିକ୍ତ ବସନ
ସିକତା ତଳେ
ଶୁଭ୍ର ସୈକତ　　ଶାନ୍ତ ତଟିନୀ
ଶୀତଳ ଜଳେ　　।

ଝୀନ ବସନ　　ସିକ୍ତ ହିଆରେ
ଥିଲାଟି ଜଡି
ପଲକ ବିହୀନ　　ପ୍ରଣୟୀ ଚକ୍ଷୁ
ତହିଁରେ ପଡ଼ି　　।

ତୁମେ ସେ ପ୍ରିୟା　　ପ୍ରିୟରେ ସାନ୍ନିଧ୍ୟ
ଥିଲଟି ଦେଇ
ଅଙ୍ଗ କସ୍ତୁରୀ　　ପ୍ରିୟର ଅଙ୍ଗେ
ଥିଲ ଢଳାଇ　　।

ଦୂର ନଭୁ କାହିଁ　　ଚକୋରୀ ଡାକଇ
ଅଭିସାରିକା
ଦିବସାବସାନେ　　ନିଶି ଆଗମନେ
ପ୍ରିୟ ଅପେକ୍ଷା　　।

କହିଲି ମୁଁ ସଖୁ ଚୁମ୍ବନ ଦେଲ
ବାର କୁ ବାର
ଅଧର ସଙ୍ଗେ ଅଧର ମିଶାଇ
ଥରକୁ ଥର ।

ଉଭାର ରାତ୍ରି ବିନିଦ୍ର ଚନ୍ଦ୍ର
ବ୍ୟସ୍ତ ରଜନୀ
ତୁମେ ଗୋ ପ୍ରିୟା ଅଭିସାରିକା ଗୋ
ନ ଯା ସଜନୀ ।

ବାରବାର ତୁମେ ବ୍ୟସ୍ତ ନୟନେ
କହିଲ ପ୍ରିୟ
ସମୟ ହେଲାଣି ମେଲାଣି ଦିଅଗୋ
ମେଲାଣି ଦିଅ ।

ବକ୍ଷେ ଅଜାଡ଼ି ଅଙ୍ଗ ସୌରଭ
ଥରକୁ ଥର
କହିଲ ପ୍ରିୟଗୋ ମେଲାଣି ମାଗୁଛି
ଯିବାକୁ ଘର ।

ଉତ୍ତରେ ତୋରେ ବକ୍ଷେ ଜଡ଼ାଇ
କହିଲି ଧୀରେ
ପ୍ରଣୟୀ ବକ୍ଷ ନିଭୃତ କକ୍ଷ
ବିଳସ ଧୀରେ ।

ତାପରେ ଜହ୍ନରେ ସାକ୍ଷୀ ରଖି ଦୁହେଁ
ନେଲେ ମେଲାଣି
ଜହ୍ନ ଦେଖିଛି ଦେଖେ ଜୋହ୍ନା
ଦେଖେ ତଟିନୀ ।

ସେ ଦିନୁ ଯାଉଛି ଜହ୍ନଧୁଆ ସଲିଳ
ନଦୀରେ ବହି
ସେ ଦିନୁ ପ୍ରିୟାରେ ପାଇବି ପାଇବି
ରହିଛି ଚାହିଁ ।

***